OFFICE OF THE TAHASILDAR
सत्यमेव जयते
JUNAGARH, KALAHANDI

# ତହସିଲଦାରଙ୍କ କାର୍ଯ୍ୟାଳୟ, ଜୁନାଗଡ ଜିଲ୍ଲା- କଳାହାଣ୍ଡି

ସଂଖ୍ୟା ତାରିଖ

## ଲଘୁ ଖଣିଜ ଉତ୍ସର ଲିଜ ସକାଶେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଜୁନାଗଡ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖଦାନ ଗୁଡିକର 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନସାରେଣୀ ମୁତାବକ ତହସିଲଦାର, ଜୁନାଗଡଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule -2016 ମୁତାବକ M-Form ପୂରଣକରି ଏହାର ତିନିକିତା ନକଲ ସହ ନିମ୍ନ ଲିଖିତ ଦଲିଲ ସଲଗ୍ନ କରି (sealed cover) ବନ୍ଦ ଲଫାପାରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା. 12.05.2020 ଠାରୁ ତା. 27.05.2020 ରିଖ ଅପରାହ୍ନ ଘ. 1.00 ସୁଦ୍ଧା (Drop Box) ଲିଜ ବକ୍ସରେ ଭର୍ତ୍ତିହେବା ଆବଶ୍ୟକ । ଉକ୍ତଦିନ ଘ. 1.30 ମିନିଟ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ଲିଜ ବକ୍ସରୁ ବାହାର କରି ଯାଞ୍ଚ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରିଦିଆଯିବ ।

**ଦରଖାସ୍ତ କରିବାର ନିୟମାବଳୀ :-**

୧. ଦରଖାସ୍ତ ଫିଜ ସକାଶେ ଟ. ୧୦୦୦/- ଙ୍କା ( ଏକ ହଜାର ଟଙ୍କା )ଟ୍ରେଜେରୀ ଚାଲାଣ କରିବା ଆବଶ୍ୟକ ।
୨. ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଲଗ୍ନ କରିବା ଆବଶ୍ୟକ ଅଟେ ।
୩. କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠର ଆବଶ୍ୟକ ।
୪. ଆବେଦନ କରାଯାଉଥିବା ଲିଜ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକଙ୍କ ସହମତି ସମ୍ବନ୍ଧୀୟ କାଗଜାତ ସଲଗ୍ନ କରିବା ଅବଶ୍ୟକ ।
୫. ଆବେଦନକାରୀ ଟ. 5,୦୦,୦୦୦/- ( ପାଞ୍ଚ ଲକ୍ଷ ଟଙ୍କା ) ର ବ୍ୟାଙ୍କ ଗ୍ୟାରେଣ୍ଟି ଓ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ ସଲଗ୍ନ ଆବଶ୍ୟକ ।
୬. ଅନ୍ୟ ବିବରଣୀ ଗୁଡିକ ଯଥା ;- ବୈଷୟିକ ଜ୍ଞାନ, ଦକ୍ଷ୍ୟତା , ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।
୭. ଭାଟ କ୍ଲିଏରେନ୍ସ ସାର୍ଟିଫିକେଟର ନକଲ ।

### ସର୍ତ୍ତାବଳୀ

୧. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ OMMC Rules-2016 ଓଏମଏମସି ରୁଲ 2016 ର ପରିସର ଭୁକ୍ତ ରହିବେ ।
୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କର ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧାସମ୍ପର୍କରେ ପର୍ଯବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।
୩. ଲିଜରେ ସୈରାତ ଚଳଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହି କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
୫. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗପ୍ଲାନ ତିଆରିକରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥହେବ, ଉକ୍ତ ରାଶି Environment clearance ( ଏନଭିରନମେଣ୍ଟ କ୍ଲିଏରେନ୍ସ ) ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର ( Execution of lease deed ) ସମ୍ପାଦନ କରିବେ ।
୭. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରାଯିବ ।
୮. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଠିକ ହୋଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୭ ( ସାତ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
୯. ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀପତ୍ର ଦାଖଲ ନକଲେ ଅମାନତ ରାଶି ବଜ୍ୟାପ୍ତ କରାଯିବ ।
୧୦. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୟ ହାସଲ କରିବେ ।
୧୧. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଅଛି ।

୧୨. ଲିଜଧାରୀ ସୌରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ Display Board ( ଡିସପ୍ଲେ ବୋର୍ଡ଼ ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୩. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠେଇପାରିବେ ନାହିଁ ।

୧୪. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୧୫. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରୀକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୬. ଜମା ରୟାଲଟିର 5 ପ୍ରତିଶତ ଲିଜଧାରୀ ଆୟକର ( T.C.S ) ବାବଦକୁ ଚଲାନ ଆକାରରେ ଜମା କରିପାରିବେ ।

୧୭. ଲିଜ ସମସ୍ତ ସର୍ତ୍ତାବଳୀ ଫାଇନ କରୁଥିବା ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୧୮. ସର୍ବୋଚ୍ଚ ରୟାଲଟି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ହେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୯. ସରକାରୀ ରୟାଲଟି ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ- ଫର୍ମ ଖାରଜ କରିଦିଆଯିବ ।

-Sd-

ତହସିଲଦାର, ଜୁନାଗଡ

ଜ୍ଞାପକ ସଂଖ୍ୟା ତା

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନାଗଡ ଓ ଜୁନାଗଡ ପଞ୍ଚାୟତ ସମିତି ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବିଜ୍ଞାପିତ ଅଞ୍ଚଳ ପରିଷଦ ନୋଟିସ ବୋର୍ଡ, ଜୁନାଗଡ / ଉପଜିଲ୍ଲାପାଳ, ଧର୍ମଗଡ ଏବଂ ଜିଲ୍ଲାପାଳ, କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା । ଜିଲ୍ଲା ୱେବସାଇଟରେ ପ୍ରକାଶନ ପାଇଁ D.I.O,NIC ଙ୍କୁ ପ୍ରେରଣ କରାଗଲା ।

ତହସିଲଦାର, ଜୁନାଗଡ

Junagarh